## ବିଫଳ କଂଗ୍ରେସ, ବିଶୃଙ୍ଖଳିତ ଆମ ଆଦମୀ ପାର୍ଟି ଓ ଅସ୍ତିତ୍ୱ ବିହୀନ ତୃତୀୟ ସାମୁଖ୍ୟର ପ୍ରଭାବ

ତା.୨୨.୦୧.୨୦୧୪

**ଶ୍ରୀ ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଗତ କିଛି ଦିନ ଧରି ଦେଶର ରାଜନୀତିରେ ଏକ ବିରାଟ ପରିବର୍ତ୍ତନ ଦେଖାଦେଇଛି । ସ୍ୱାଧୀନତା ପର ଠାରୁ ଦେଶର ରାଜନୀତିରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସିଥିବା କଂଗ୍ରେସ ପାର୍ଟିର ନେତୃତ୍ୱରେ ଚାଲୁଥିବା ଊ.ପା ସରକାର ଆଜି ଉତ୍ସାହହୀନ ହୋଇପଡ଼ିଛି ଏବଂ ୨୦୧୪ ଲୋକସଭା ନିର୍ବାଚନରେ ଦେଶର ଜନତା ନରେନ୍ଦ୍ର ମୋଦିଙ୍କୁ ଅଧିକ ଗୁରୁତ୍ୱ ଦେବା ଭଳି ପରିଲକ୍ଷିତ ହୁଏ । କଂଗ୍ରେସ ପାର୍ଟି ବହୁ ରାଜ୍ୟରେ ନିଜର ସ୍ଥିତି ହରାଇବା ବେଳେ ବି.ଜେ.ପି କ୍ରମଶଃ ଦୃଢ଼ ହେବାରେ ଲାଗିଛି । ଯଦିଓ ତାମିଲନାଡୁ, ଓଡ଼ିଶା, ପଶ୍ଚିମ ବଙ୍ଗ, ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟରେ ବି.ଜେ.ପି ର ସ୍ଥିତି ସେତେ ଦୃଢ଼ ନୁହେଁ ତଥାପି ଆଗାମୀ ନିର୍ବାଚନ ବେଳକୁ ତାହାର ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ମଧ୍ୟ ବିଶ୍ୱାସ କରାଯାଏ । ତେଣୁ କଂଗ୍ରେସ ବି.ଜେ.ପି ର ପ୍ରସାର ଦିଗରେ ପ୍ରତିବନ୍ଧକ ହୋଇ ଠିଆ ହେବା ପାଇଁ ତାର ପୁରୁଣା ଖେଳ ଆରମ୍ଭ କରିଦେଇଛି ଏବଂ ଆମ ଆଦମୀ ପାର୍ଟି ମାଧ୍ୟମରେ ପ୍ରତିବନ୍ଧକ ସୃଷ୍ଟି କରିବାରେ ଲାଗିଛି । ହେଲେ ଆମ ଆଦମୀ ପାର୍ଟି ଏକ ରାଷ୍ଟ୍ରୀୟ ଦଳ ହେବାକୁ ଯାଉଥିବା ବେଳେ ଦେଶର ରାଷ୍ଟ୍ରୀୟ ଉତ୍ସବ ପାଳନ କରିବାରେ ମଧ୍ୟ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚିନ୍ତା କରୁଅଛି । ଏତେ ସବୁ ବିଶୃଙ୍ଖଳା ସତ୍ତ୍ୱେ ବି କଂଗ୍ରେସ ସହ ତାହାର ଏକ ଅଦୃଶ୍ୟ ବୁଝାମଣା ଥିବା ଭଳି ମନେହୁଏ । ଯାହାକୁ ଲକ୍ଷ୍ୟ କରି ଏ ଦେଶ ପାଇଁ ଏକ ସ୍ଥିର ସରକାର ଆବଶ୍ୟକ ହେବା କଥା ସମସ୍ତେ ହୃଦୟଙ୍ଗମ କରିପାରୁଥିବେ । ତେଣୁ କୌଣସି ଗୋଟିଏ ଦଳ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରି ଲୋକସଭାରେ ଶାସନ କଲେ ଦେଶର ଶାସନ କାର୍ଯ୍ୟ ନିଶ୍ଚିତ ଭାବରେ ସୁଚାରୁ ଭାବରେ ହୋଇପାରିବ । ଏପରି ଏକ ଦୃଢ଼ ସରକାର ଗଠନରେ, ଦେଶର ସାର୍ବାଙ୍ଗୀନ ଉନ୍ନତି ବିଧାନରେ, ରାଜନୈତିକ, ସାମାଜିକ ତଥା ଆର୍ଥିକ ବିକାଶ ଦିଗରେ ଜନତାଙ୍କର ବିରାଟ ଭୂମିକା ରହିଅଛି । ଆଜିର ବିଫଳ କଂଗ୍ରେସ, ବିଶୃଙ୍ଖଳିତ ଆମ ଆଦମୀ ପାର୍ଟି ଓ ସ୍ଥିତି ବିହୀନ ତୃତୀୟ ସାମୁଖ୍ୟ ଅପେକ୍ଷା ବି.ଜେ.ପି ର ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏକ ଦକ୍ଷ ସରକାର ଗଠନ ସମ୍ଭବପର ।